# ଆସ ଜୀବନ ଧନ ମୋର ପଖାଳ କଂସା

ଆସ ଜୀବନ ଧନ ମୋର ପଖାଳ କଂସା
ଆସ ଜୀବନ ଧନ
ସଜନୀରେ ତୋ ବିହୁନେ ଉଡିଲା ହଂସା
ଆସ ଜୀବନ ଧନ ମୋର ପଖାଳ କଂସା
ଆସ ଜୀବନ ଧନ...

ବହିଲାଣି ଅନା ସଖୀ ଝଂଜା ପବନ
ଅଠାମାରି ଗଲା ତୁଣ୍ଡ ଯାଏ ଜୀବନ
ତୋ ବିନା ପଖାଳ ଗୋ ଫାଟିଲା କପାଳ ଗୋ
ତୋରାଣି ସାଂଗରେ ମିଶି ହର ମୋ ତୃଷା
ଆସ ଜୀବନ ଧନ ମୋର ପଖାଳ କଂସା
ଆସ ଜୀବନ ଧନ...

ସଂଗା ଠାକୁରାଣୀ ପିତା ଶୁଖୁଆ ରାଣୀ
ତୋ ଲାଗି ନିଆରେ ସତୀ ଝାସ ଦେଲେଣି
ପିଆଜ ଖରି ଡରେ ଚ୍ଛାଲ ଚ୍ଛିଡାଇ ମରେ
ମରିଚ କହୁଚ୍ଛି ମୋତେ ତୋ ତୁଲେ ମିଶା
ଆସ ଜୀବନ ଧନ ମୋର ପଖାଳ କଂସା
ଆସ ଜୀବନ ଧନ...

ଓଡିଆ ଜୀବନ ଧୂଆ ଶାଗ ପଖାଳ
ଜଗନ୍ନାଥ ରସିଥାଏ ମନେ ତୁ ଭାଳ
ଚାଖି ନାହି ଯେ ଥରେ ଧିକ ତା ଜନମରେ
ମଣିଷ ଯାକରେ ସେ ତ ଅଣପୁରୁଷ।
ଆସ ଜୀବନ ଧନ ମୋର ପଖାଳ କଂସା
ଆସ ଜୀବନ ଧନ...

ସଜନୀରେ ତୋ ବିହୁନେ...
ସଜନୀରେ ତୋ ବିହୁନେ ଉଡିଲା ହଂସା
ଆସ ଜୀବନ ଧନ ମୋର ପଖାଳ କଂସା
ଆସ ଜୀବନ ଧନ...

- କବିଚଂଦ୍ର କାଳୀଚରଣ